# NATIONAL NEWS BULLETIN (ODIA)
## 14th January - 2026
## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- କୃଷକମାନଙ୍କ ଭାଗିଦାରୀ ଦେଶର ଆତ୍ମନିର୍ଭରଶୀଳ ଅଭିଯାନକୁ ଅଧିକ ସଶକ୍ତ କରୁଛି; କହିଲେ ପ୍ରଧାନମନ୍ତ୍ରୀ ।

- ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ନାଗରିକଙ୍କ ଇରାନ୍ ଯାତ୍ରା ଉପରେ କଟକଣା ।

- ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଦୁର୍ଘଟଣା ହ୍ରାସ କରିବା ଲାଗି ଆରମ୍ଭ ହେଲା ରିଏଲ୍-ଟାଇମ୍ ସତର୍କ ସୁରକ୍ଷା ସୂଚନା ବ୍ୟବସ୍ଥା ।

ଏବଂ

- ରାଜକୋଟ୍ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୮୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ ।

# ପି.ଏମ୍. - ପୋଙ୍ଗଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ରାଷ୍ଟ୍ର ନିର୍ମାଣ ଦିଗରେ କୃଷକମାନେ ହେଉଛନ୍ତି ଦୃଢ଼ ଭାଗିଦାରୀ ଏବଂ ସେମାନଙ୍କର ପ୍ରଚେଷ୍ଟା ଦେଶର ଆତ୍ମନିର୍ଭରଶୀଳ ଅଭିଯାନକୁ ଅଧିକ ସଶକ୍ତ କରୁଛି । ସେ କହିଛନ୍ତି, କେନ୍ଦ୍ର ସରକାର କୃଷକମାନଙ୍କୁ ସଶକ୍ତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଏବଂ ଏ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ।

ନୂଆଦିଲ୍ଲୀରେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍‌ଙ୍କ ବାସଭବରେ ଆୟୋଜିତ ପୋଙ୍ଗଲ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି ଏହା କହିଛନ୍ତି ।

***Voice :........***

ସେ କହିଛନ୍ତି, ପ୍ରକୃତି, ପରିବାର ଏବଂ ସମାଜ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ଏହି ପୋଙ୍ଗଲ ପର୍ବ ପଥ ପ୍ରଦର୍ଶନ କରିଥାଏ । ପୋଙ୍ଗଲ୍ ପର୍ବ ତାମିଲ୍ ସଂସ୍କୃତିକୁ ଅଧିକ ଋଦ୍ଧିମନ୍ତ କରିବା ସହିତ ପ୍ରକୃତି ସହ ବନ୍ଧନକୁ ବ୍ୟାପକ କରିଥାଏ । ଏହା ବର୍ତ୍ତମାନ ବିଶ୍ୱ ଉତ୍ସବ ଭାବେ ପାଳିତ ହେଉଛି । ଦେଶର କୃଷକ ସମାଜର କଠିନ ପରିଶ୍ରମକୁ ସମ୍ମାନ ଜଣାଇ ଏହି ପର୍ବ ପାଳନ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଭାରତର ବିଭିନ୍ନ ଅଞ୍ଚଳରେ ଏହି ପର୍ବ ଲୋହ୍‌ରି, ମକର ସଂକ୍ରାନ୍ତି, ମାଘ ବିହୁ ଆଦି ନାମରେ ପାଳିତ ହେଉଛି, ଯାହାକି 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ଅଧିକ ଦୃଢ଼ୀଭୂତ କରିବାରେ ସହାୟକ ହୋଇଛି ବୋଲି ଶ୍ରୀ ମୋଦି କହିଛନ୍ତି ।

## ସି.ପି. - ପୋଙ୍ଗଲ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, କେନ୍ଦ୍ରମନ୍ତ୍ରୀ ଜଗତ୍‌ପ୍ରସାଦ ନଡ୍ଡା, ଜି. କିଷାନ୍ ରେଡ୍ଡୀ ଓ ରାମମୋହନ ନାଇଡୁଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ସୂଚନା, ପ୍ରସାରଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍‌ଙ୍କ ବାସଭବନରେ ପୋଙ୍ଗଲ୍ ଉତ୍ସବ ପାଳନରେ ଯୋଗ ଦେଇଥିଲେ । ସାମାଜିକ ଗଣମାଧ୍ୟମରେ ଉପରାଷ୍ଟ୍ରପତି ପୋଙ୍ଗଲ୍ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହି ଉତ୍ସବ ଦେଶର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ପରିବେଶ ପ୍ରତି କୃତଜ୍ଞତା ଏବଂ ସଦ୍‌ଭାବନାକୁ ଦର୍ଶାଉଛି ।

ଓଡ଼ିଶାରେ ଧାର୍ମିକ ପରିବେଶ ମଧ୍ୟରେ ମକର ସଂକ୍ରାନ୍ତି ପର୍ବ ପାଳନ କରାଯାଇଛି । ପାରମ୍ପରିକ ରୀତିମତେ ମକର ଚାଉଳ ଗୃହଦେବତାଙ୍କୁ ଅର୍ପଣ କରାଯାଇଛି । ଶ୍ରୀକ୍ଷେତ୍ର ପୁରୀଠାରେ ଏହି ଅବସରରେ ଶ୍ରୀଜିଉମାନଙ୍କୁ ସ୍ୱତନ୍ତ୍ର ମକର ବେଶ କରାଯିବା ସହ ପୂଜାର୍ଚ୍ଚନା କରାଯାଇଛି ।

## ଏମ୍.ଇ.ଏ. - ଇରାନ୍ ଆଡ୍‌ଭାଇଜରୀ

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ’ ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ଭାରତୀୟ ନାଗରିକମାନଙ୍କୁ ଇରାନ୍ ଯାତ୍ରା ନ କରିବା ଲାଗି ସାନି ପରାମର୍ଶ ଦିଆଯାଇଛି । ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକୁ ଅନାବଶ୍ୟକ ଯାତ୍ରା ଉପରେ ଭାରତୀ ନାଗରିକଙ୍କପାଇଁ କଟକଣା ଜାରି କରାଯାଇଥିଲା । ଇତିମଧ୍ୟରେ ତେହେରାନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଭାରତୀୟ ନାଗରିକମାନଙ୍କୁ ଇରାନ୍‌ରୁ କମର୍ସିଆଲ୍ ବିମାନ ଏବଂ ଅନ୍ୟାନ୍ୟ ପରିବହନ ବ୍ୟବସ୍ଥା ଜରିଆରେ ସ୍ୱଦେଶ ଫେରିଆସିବା ଲାଗି ପରାମର୍ଶ ଦିଆଯାଇଛି । ଦୂତାବାସ ପକ୍ଷରୁ ଜାରି କରାଯାଇଥିବା ହେଲ୍‌ପ୍‌ଲାଇନ୍ ନମ୍ବରଗୁଡ଼ିକ ହେଲା - +989128109115, +980128109109, +989128109102 ଏବଂ +989932179359 ।

## ରାଜନାଥ - ଭେଟେରାନ୍‌ସ ଡେ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ସଶସ୍ତ୍ର ବାହିନୀର ପୂର୍ବତନ ସେନା କର୍ମଚାରୀମାନେ ରାଷ୍ଟ୍ରୀୟ ଚେତନାର ଜୀବନ୍ତ ସ୍ତମ୍ଭ, ସାମୂହିକ ସାହସର

ପ୍ରତୀକ ଏବଂ ଆଗାମୀ ପିଢ଼ିପାଇଁ ପ୍ରେରଣାର ଉତ୍ସ । ନୂଆଦିଲ୍ଲୀରେ ସଶସ୍ତ୍ର ବାହିନୀର ସେବାନିବୃତ୍ତ କର୍ମଚାରୀ ଦିବସ ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ଏହି ସେନା କର୍ମଚାରୀମାନଙ୍କର ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ରହିଛି । ସେମାନେ ସେମାନଙ୍କର ଶୃଙ୍ଖଳା, ନେତୃତ୍ୱ ଏବଂ ସାହସ ଆଦି ଉତ୍ତମ ଗୁଣ ଜରିଆରେ ସମାଜକୁ ଦିଗ୍‌ଦର୍ଶନ ଦେଖାଇଥା'ନ୍ତି । ଶ୍ରୀ ସିଂହ କହିଛନ୍ତି, ସେମାନଙ୍କର ପୋଷାକର ରଙ୍ଗ ଏବଂ କାର୍ଯ୍ୟସ୍ଥଳୀରେ ପରିବର୍ତ୍ତନ ଘଟିପାରେ; କିନ୍ତୁ ଦେଶାତ୍ମକ ଭାବନା ଏବଂ ସେବା ମନୋଭାବ ସବୁବେଳେ ଅତୁଟ ରହିଥାଏ ।

ଏହି ଅବସରରେ ଶ୍ରୀ ସିଂହ' 'ଅପରେସନ ପଓ୍ୱନ୍'ରେ ଅଂଶଗ୍ରହଣ କରିଥିବା ପୂର୍ବତନ ସେନା କର୍ମଚାରୀଙ୍କ ବୀରତ୍ୱକୁ ସ୍ମରଣ କରିଥିଲେ । ଦୀର୍ଘ ୪୦ ବର୍ଷ ପୂର୍ବେ ଭାରତୀୟ ଶାନ୍ତିରକ୍ଷା ବାହିନୀ ପକ୍ଷରୁ ଶ୍ରୀଲଙ୍କାରେ ଏହି ଅପରେସନ ପଓ୍ୱନ୍ ଆରମ୍ଭ କରାଯାଇଥିଲା । ଏହି ଅପରେସନ୍ ସମୟରେ ଭାରତୀୟ ଯବାନମାନେ ସେମାନଙ୍କର ବୀରତ୍ୱ ଓ ସାହସ ପ୍ରଦର୍ଶନ କରିଥିଲେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକ୍ରମେ କେନ୍ଦ୍ର ସରକାର ଏହି ଶାନ୍ତିରକ୍ଷାକାରୀ ସୈନିକମାନଙ୍କ ଅବଦାନକୁ ମାନ୍ୟତା ପ୍ରଦାନ କରିଛନ୍ତି ।

ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିପ୍ ଫିଲ୍ଡ ମାର୍ଶାଲ୍ କେ.ଏମ୍. କରିୟପ୍ପାଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ଜାନୁଆରୀ ମାସ ୧୪ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ ।  ୧୯୫୩ ମସିହାରେ ଶ୍ରୀ କରିୟପ୍ପା

ଅବସର ଗ୍ରହଣ କରିଥିଲେ । ଭାରତର ସାମରିକ ଇତିହାସରେ ଫିଲ୍ଡ ମାର୍ଶାଲ କରିଯପ୍ପା ଜଣେ ଦକ୍ଷ ବ୍ୟକ୍ତିତ୍ୱ ତଥା ସେବା, ଶୃଙ୍ଖଳା ଓ ଦେଶ ପ୍ରେମର ପ୍ରତୀକ ଭାବେ ମାନ୍ୟତା ହାସଲ କରିଥିଲେ । ଏହି ଦିବସ ପାଳନ ଅବସରରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୪ଟି ରାଜ୍ୟ ସୈନିକ ବୋର୍ଡ୍ ଏବଂ ୪୩୪ଟି ଜିଲ୍ଲା ସୈନିକ ବୋର୍ଡ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଏନ୍.ଏଚ୍.ଏ.ଆଇ. - ପାଇଲଟ୍ ଇନିସିଏଟିଭ୍

ଜାତୀୟ ରାଜପଥରେ ଅତର୍କିତ ଭାବେ ଗୋ-ଚଳାଚଳ ଓ କୁହୁଡ଼ି ପାଇଁ ନିମ୍ନ ଦୃଶ୍ୟମାନ ଯୋଗୁଁ ହେଉଥିବା ଦୁର୍ଘଟଣାକୁ ହ୍ରାସ କରିବା ଲାଗି ପାଇଲଟ୍ ପଦକ୍ଷେପସ୍ୱରୂପ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ - ଏନ୍.ଏଚ୍.ଏ.ଆଇ. ପକ୍ଷରୁ ରିଅଲ୍-ଟାଇମ୍ ସତର୍କ ସୁରକ୍ଷା ସୂଚନା ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହି ପଦକ୍ଷେପ ଜୟପୁର-ଆଗ୍ରା ଏବଂ ଜୟପୁର-ରେୱାଡ଼ି ଜାତୀୟ ରାଜପଥ କରିଡର୍‌ରେ କାର୍ଯ୍ୟକାରୀ ହୋଇଛି । ଏହି ଜାତୀୟ ରାଜପଥରେ ବୁଲାଗୋରୁଙ୍କ ଚଳାଚଳ ଅଧିକ ହେଉଥିବା ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ଅଧିକ ବିପଦପୂର୍ଣ୍ଣ ଅଞ୍ଚଳର ୧୦ କିଲୋମିଟର ପୂର୍ବରୁ ଜାତୀୟ ରାଜପଥ ବ୍ୟବହାରକାରୀଙ୍କୁ ଏହି ପଦକ୍ଷେପ

ମାଧ୍ୟମରେ ସତର୍କ ସୂଚନା ଜାରି କରାଯିବ । ଫଳସ୍ୱରୂପ ଯାତାୟତକାରୀମାନେ ସମୟ ପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିପାରିବେ । ପାଇଲଟ ପ୍ରକଳ୍ପର ସଫଳତା ଆଧାରରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଦେଶର ଅନ୍ୟାନ୍ୟ ରାଜପଥରେ କାର୍ଯ୍ୟକାରୀ କରାଯିବ ।

## ଡି.ପି.ଆଇ.ଆଇ.ଟି. - ଷ୍ଟାର୍ଟଅପ୍ କର୍ଟନ୍ ରେଜର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଜାତୀୟ ଷ୍ଟାର୍ଟଅପ୍ ଦିବସ ପାଳନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ନୂଆଦିଲ୍ଲୀରେ ଆଜି ଅପରାହ୍ଣରେ ଗଣମାଧ୍ୟମକୁ ସୂଚନା ଦେଇ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ସଚିବ ଅମରଦୀପ ସିଂହ ଭାଟିଆ କହିଛନ୍ତି, ୨୦୧୬ ମସିହାରେ ଶୁଭାରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ ଏବେ ୧୦ ବର୍ଷ ପୂରଣ କରିଛି । ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହ ସଂଯୋଗ ସ୍ଥାପନ କରିବା ଲାଗି ସମସ୍ତଙ୍କପାଇଁ ଏହା ଏକ ସ୍ୱତନ୍ତ୍ର ଦିବସ ବୋଲି ସେ କହିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ବିଭାଗୀୟ ଯୁଗ୍ମ ସଚିବ ସଞ୍ଜୀବ ସିଂହ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ଦେଶର ୩ ହଜାରରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିବେ ।

# ମିଶ୍ରି - ଚୀନ୍ ମିଟିଂ

ବୈଦେଶିକ ସଚିବ ବିକ୍ରମ ମିଶ୍ରି' ଚୀନ୍‌ର କମ୍ୟୁନିଷ୍ଟ ପାର୍ଟି ଅନ୍ତର୍ଜାତୀୟ ବିଭାଗ କେନ୍ଦ୍ରୀୟ କମିଟିର ଉପମନ୍ତ୍ରୀ ସୁନ୍ ହାୟାନ୍‌ଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ୍ ଆଲୋଚନା କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଉଭୟ ବ୍ୟବସାୟ ଏବଂ ଜନକୈନ୍ଦ୍ରିକ କାର୍ଯ୍ୟକ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କରେ ସ୍ଥିରତା ଏବଂ ପୁନର୍ଗଠନରେ ଉନ୍ନତି ଆଣିବା ଦିଗରେ ଆଲୋଚନା କରିଥିଲେ । ଆଗାମୀ ବର୍ଷରେ ଦ୍ୱିପାକ୍ଷିକ ସମ୍ପର୍କକୁ ତ୍ୱରାନ୍ୱିତ କରିବାପାଇଁ ଉଭୟ ସହମତ ପ୍ରକାଶ କରିଥିଲେ । ବୈଠକ କାଳରେ ଉଭୟ ପକ୍ଷ ସେମାନଙ୍କ ନେତାମାନଙ୍କଦ୍ୱାରା ଗ୍ରହଣ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାର୍ଯ୍ୟକାରୀ କରିବା ଦିଗରେ ସେମାନଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ପୁନର୍ଗଠନ ନେଇ ବୁଝାମଣାକୁ ତ୍ୱରାନ୍ୱିତ କରିବା ଲାଗି ବୈଦେଶିକ ସଚିବ ଶ୍ରୀ ମିଶ୍ରି ଗୁରୁତ୍ୱ ପ୍ରଦାନ କରିଥିଲେ । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି କରିବାଲାଗି ଉତ୍ତମ ପରିବେଶ ସୃଷ୍ଟି କରିବା ନିମନ୍ତେ ସକରାତ୍ମକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ରି ପ୍ରକାଶ କରିଛନ୍ତି । ସୁଶ୍ରୀ ହାୟାନ୍ ବୈଦେଶିକ ସଚିବଙ୍କୁ ତାଙ୍କ ଗସ୍ତର ଆଭିମୁଖ୍ୟ ଏବଂ ଭାରତୀୟ ଗଣମାଧ୍ୟମ ଓ ରାଜନୈତିକ ଦଳ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଅବଗତ କରାଇଥିଲେ ।

## କ୍ରିକେଟ୍ - ଓ.ଡି.ଆଇ.

ରାଜକୋଟ୍‌ରେ ଚାଲିଥିବା ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ଭାରତ ୨୮୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ନ୍ୟୁଜିଲାଣ୍ଡ ଦଳ ୧୭ ଓଭର୍‌ରେ ୨ ୱିକେଟ୍ ବିନିମୟରେ ୭୧ ରନ୍ ସଂଗ୍ରହ କରିଛି ।

ଟସ୍ ଜିତି ନ୍ୟୁଜିଲାଣ୍ଡ ଦଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଆୟୋଜକ ଭାରତ ନିର୍ଦ୍ଧାରିତ ୫୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୮୪ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କେ.ଏଲ୍. ରାହୁଲ୍ ସର୍ବାଧିକ ଅପରାଜିତ ୧୧୨ ରନ୍ ସଂଗ୍ରହ କରିଥିଲେ । ତିନି ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି । ଆସନ୍ତା ରବିବାର ଦିନ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଇନ୍ଦୋର୍‌ରେ ଖେଳାଯିବ ।

## ବ୍ୟାଡ୍‌ମିଣ୍ଟନ - ଇଣ୍ଡିଆ ଓପନ୍

ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ପୂର୍ବତନ ଏକ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ନିଜ ଦେଶର ତରୁଣ ମାନେପାଲ୍ଲିଙ୍କୁ ପୁରୁଷ ସିଙ୍ଗଲ୍‌ସ ବର୍ଗରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ

ହୋଇଛନ୍ତି । ଅନ୍ୟ ଏକ ମ୍ୟାଚ୍‌ରେ ଏଚ୍‌.ଏସ୍‌. ପ୍ରଣୟ ତାଙ୍କ ହଙ୍ଗ୍‌କଙ୍ଗ୍‌ ପ୍ରତିପକ୍ଷଙ୍କୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

ମହିଳା ସିଙ୍ଗଲ୍‌ସ ବର୍ଗରେ ପୂର୍ବତନ ବିଶ୍ୱ ଚାମ୍ପିୟନ୍‌ ପି.ଭି. ସିନ୍ଧୁ ଭିଏତ୍‌ନାମ୍‌ର ଲିନ୍‌ ଗୁଏଁଙ୍କଠାରୁ ପରାସ୍ତ ହୋଇଛନ୍ତି ।

*****